# INDIAN METALS & FERRO ALLOYS LTD

imfa

Regd. Office: IMFA Building, Bomikhal,
P.O. Rasulgarh, Bhubaneswar-751010, Odisha
Tel:+91 674 3051000/2580100, Fax: +91 674 2580020/2580145
Email: mail@imfa.in, Website: www.imfa.in
CIN : L27101OR1961PLC000428

## NOTICE OF ANNUAL GENERAL MEETING, BOOK CLOSURE AND E-VOTING INFORMATION

Notice is hereby given that the 56th Annual General Meeting (AGM) of the members of the Company will be held on Tuesday, the 17th July 2018 at 3.00 PM at the Registered Office of the Company at IMFA Building, Bomikhal, PO: Rasulgarh, Bhubaneswar- 751010, Odisha.

The Notice of AGM, Annual Report have been sent in electronic mode to Members whose e-mail IDs are registered with the Company or the Depository Participant(s). For members who have not registered their email address, physical copy of the Notice of AGM and Annual Report have been sent in the permitted mode.

Further, pursuant to Section 91 of the Companies Act, 2013, it is notified that the Register of Members and Share Transfer Books of the Company will remain closed from 11th July 2018 to 17th July 2018 (both days inclusive) for the purpose of AGM and to ascertain the names of members who will be entitled to receive dividend on the equity shares of the Company for the Financial Year ended 31st March 2018, if approved at the AGM.

In terms of Section 108 of the Companies Act, 2013 read with Rule 20 of the Companies (Management and Administration) Rules, 2014, as amended, Members holding shares either in physical form or in dematerialized form, as on the cut-off date of 10th July 2018, may cast their vote electronically on the Ordinary and Special Business as set out in the Notice of 56th AGM through electronic voting system of National Securities Depository Limited (NSDL). All the Members are informed that:

(i) The Ordinary and Special Business as set out in the Notice of AGM may be transacted through voting by electronic means;

(ii) The remote e-voting facility shall commence on 14th July 2018 from 9.00 AM (IST) and end on 16th July 2018 at 5.00 PM (IST). The remote e-voting shall not be allowed beyond the said date and time;

(iii) Any person who acquires shares of the Company and becomes member of the Company after dispatch of Notice of AGM and holding shares as on the cut-off date i.e. 10th July 2018 may obtain the login ID and password by sending a request at evoting@nsdl.co.in or investor-relation@imfa.in. However, if a person is already registered with NSDL for e-voting, then existing user ID and password can be used for casting vote;

(iv) Members may note that (a) the facility for voting through ballot paper shall be made available at the AGM, (b) the members who have cast their vote by remote e-voting prior to the AGM may also attend the AGM but shall not be entitled to cast their vote again and (c) a person whose name is recorded in the Register of Members or in the Register of Beneficial Owners maintained by the Depositories as on the cut-off date only shall be entitled to avail the facility of remote e-voting as well as voting at the AGM through ballot paper;

(v) The Notice of 56th AGM is available on the Company's website www.imfa.in and on www.evoting.nsdl.com

(vi) In case of any queries/grievances connected with electronic voting, Members may refer the Frequently Asked Questions (FAQs) and e-voting User Manual for members available at the download section of www.evoting.nsdl.com or call on toll free nos:1800 22 2990 or contact Mr Mandar Gaikwad, Assistant Manager, National Securities Depository Limited, Trade World, 'A' Wing, 4th Floor, Kamala Mills Compound, Senapati Bapat Marg, Lower Parel, Mumbai – 400 013 at the designated email IDs: evoting@nsdl.co.in or mandarg@nsdl.co.in or at telephone nos. 022 24994600/ 022 24994738.

For Indian Metals & Ferro Alloys Ltd
Sd/-
(PREM KHANDELWAL)
CFO & COMPANY SECRETARY

Bhubaneswar
22nd June, 2018

imfa

# ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲୟଜ୍ ଲିଃ

ପଞ୍ଜିକୃତ କାର୍ଯ୍ୟାଳୟ: ଇମ୍ଫା ବିଲ୍ଡିଂ, ବମିଖାଲ, ପୋ.ଅ: ରସୁଲଗଡ଼
ଭୁବନେଶ୍ୱର-୭୫୧୦୧୦, ଓଡ଼ିଶା
ଫୋନ: ୦୬୭୪ ୩୦୫୧୦୦୦/୨୫୮୦୧୦୦
ଫ୍ୟାକ୍ସ: ୦୬୭୪ ୨୫୮୦୦୨୦/୨୫୮୦୧୪୫
ଇ-ମେଲ: mail@imfa.in, ୱେବ୍‌ସାଇଟ୍: www.imfa.in
କର୍ପୋରେଟ୍ ଆଇଡି ନଂ: L27101OR1961PLC000428

# ବାର୍ଷିକ ସାଧାରଣ ବୈଠକ ନୋଟିସ୍, ବୁକ୍ କ୍ଲୋଜର୍ ଏବଂ ଇ-ଭୋଟିଂ ସୂଚନା

ଏତଦ୍ୱାରା ସୂଚନା ଦିଆଯାଇଛି ଯେ, ମଙ୍ଗଳବାର, ୧୭ ଜୁଲାଇ ୨୦୧୮ ତାରିଖ ଦିନ ଅପରାହ୍ଣ ୩ଟା ବେଳେ ଇମ୍ଫା ବିଲ୍ଡିଂ, ବମିଖାଲ, ପୋଷ୍ଟ: ରସୁଲଗଡ଼, ଭୁବନେଶ୍ୱର-୭୫୧୦୧୦, ଓଡ଼ିଶା ସ୍ଥିତ କମ୍ପାନୀର ପଞ୍ଜିକୃତ କାର୍ଯ୍ୟାଳୟଠାରେ କମ୍ପାନୀ ସଦସ୍ୟମାନଙ୍କର ୫୬ତମ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହେବ।

କମ୍ପାନୀ କିମ୍ବା ଡିପୋଜିଟୋରି ପାର୍ଟିସିପେଣ୍ଟମାନଙ୍କ ନିକଟରେ ନିଜର ଇ-ମେଲ ଆଇଡି ପଞ୍ଜିକୃତ କରିଥିବା ସଦସ୍ୟମାନଙ୍କ ନିକଟକୁ ଇଲେକ୍ଟ୍ରୋନିକ ମାଧ୍ୟମରେ ବାର୍ଷିକ ସାଧାରଣ ବୈଠକ ନୋଟିସ୍ ଓ ବାର୍ଷିକ ବିବରଣୀ ପ୍ରେରଣ କରାଯାଇଛି। ନିଜର ଇ-ମେଲ ଠିକଣା ପଞ୍ଜିକୃତ କରିନଥିବା ସଦସ୍ୟମାନଙ୍କ ନିକଟକୁ ଏହି ବାର୍ଷିକ ସାଧାରଣ ବୈଠକ ନୋଟିସ୍ ଓ ବାର୍ଷିକ ବିବରଣୀର ନକଲ ଅନୁମୋଦିତ ମାଧ୍ୟମରେ ପଠାଇ ଦିଆଯାଇଛି।

ଏହା ବ୍ୟତୀତ, କମ୍ପାନୀ ଆଇନ ୨୦୧୩ର ଧାରା ୯୧ ଅନୁଯାୟୀ ଜଣାଇ ଦିଆଯାଉଛି ଯେ, ବାର୍ଷିକ ସାଧାରଣ ବୈଠକ ନିମନ୍ତେ ଏବଂ ଯଦି ବାର୍ଷିକ ସାଧାରଣ ବୈଠକରେ ଅନୁମୋଦିତ ହୁଏ, ତେବେ ୩୧ ମାର୍ଚ୍ଚ ୨୦୧୮ରେ ଶେଷ ହୋଇଥିବା ଆର୍ଥିକବର୍ଷ ପାଇଁ କମ୍ପାନି ଇକ୍ୱିଟୀ ସେୟାରର ଲାଭାଂଶ ପାଇବାକୁ ଯୋଗ୍ୟ ସଦସ୍ୟମାନଙ୍କର ନାମ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ୧୧ ଜୁଲାଇ ୨୦୧୮ଠାରୁ ୧୭ ଜୁଲାଇ ୨୦୧୮ (ଏହି ଦୁଇଦିନକୁ ମିଶାଇ) ପର୍ଯ୍ୟନ୍ତ ସଦସ୍ୟମାନଙ୍କର ରେଜିଷ୍ଟର ଓ କମ୍ପାନୀର ସେୟାର ଟ୍ରାନ୍ସଫର୍ ବୁକ୍ ବନ୍ଦ ରହିବ।

କମ୍ପାନୀ ଆଇନ ୨୦୧୩ର ଧାରା ୧୦୮ ସହିତ ପଠିତ କମ୍ପାନୀ (ମ୍ୟାନେଜମେଣ୍ଟ ଆଣ୍ଡ ଆଡମିନିଷ୍ଟ୍ରେସନ) ରୁଲ୍ସ, ୨୦୧୪ର ରୁଲ୍ ୨୦ ସଂଶୋଧିତ ଆଧାରରେ କଟ୍-ଅଫ୍ ତାରିଖ ୧୦, ଜୁଲାଇ ୨୦୧୮ ଅନୁଯାୟୀ ଫିଜିକାଲ କିମ୍ବା ଡିମ୍ୟାଟେରିଆଲାଇଜ୍ଡ ଆକାରରେ କମ୍ପାନୀ ଅଂଶଧାରୀ ସଦସ୍ୟମାନେ ୫୬ତମ ବାର୍ଷିକ ସାଧାରଣ ବୈଠକ ବିଜ୍ଞପ୍ତି ଅନୁଯାୟୀ ନେସନାଲ୍ ସକ୍ୟୁରିଟିଜ୍ ଡିପୋଜିଟୋରୀ ଲିମିଟେଡ୍ (ଏନ୍‌ଏସ୍‌ଡିଏଲ୍)ର ଇ-ଭୋଟିଂ ସେବା ମାଧ୍ୟମରେ ଇଲେକ୍ଟ୍ରୋନିକ୍ ଭାବେ ସାଧାରଣ ଓ ସ୍ୱତନ୍ତ୍ର ବ୍ୟବସାୟ ଉପରେ ସେମାନଙ୍କର ମତ ସାବ୍ୟସ୍ତ କରିପାରିବେ। ସମସ୍ତ ସଦସ୍ୟଙ୍କୁ ସୂଚାଇଦିଆଯାଉଛି ଯେ :

(୧) ବାର୍ଷିକ ସାଧାରଣ ବୈଠକ ନୋଟିସ୍ ଅନୁଯାୟୀ ଇଲେକ୍ଟ୍ରୋନିକ ଭୋଟିଂ ମାଧ୍ୟମରେ ସାଧାରଣ ଓ ସ୍ୱତନ୍ତ୍ର ବ୍ୟବସାୟକୁ ସମ୍ପାଦନ କରିହେବ;

(୨) ରିମୋଟ୍ ଇ-ଭୋଟିଂ ସୁବିଧା ୧୪ ଜୁଲାଇ ୨୦୧୮ ତାରିଖ ପୂର୍ବାହ୍ଣ ୯ଟାରେ ଆରମ୍ଭ ହେବ ଏବଂ ୧୬ ଜୁଲାଇ ୨୦୧୮ ତାରିଖ ଅପରାହ୍ଣ ୫ଟାରେ ଶେଷ ହେବ। ଉକ୍ତ ତାରିଖ ଓ ସମୟ ପରେ ରିମୋଟ୍ ଇ-ଭୋଟିଂ ଗ୍ରହଣୀୟ ହେବ ନାହିଁ;

(୩) କମ୍ପାନୀର ଅଂଶ ହାସଲ କରିଥିବା ଓ ବାର୍ଷିକ ସାଧାରଣ ବୈଠକ ନୋଟିସ୍ ପଠାଯିବା ପରେ ସଦସ୍ୟ ହୋଇଥିବା ଏବଂ ଶେଷ ତାରିଖ ୧୦ ଜୁଲାଇ ୨୦୧୮ ସୁଦ୍ଧା କମ୍ପାନୀର ଅଂଶ ହାସଲ କରିଥିବା ଯେକୌଣସି ବ୍ୟକ୍ତି evoting@nsdl.co.in କିମ୍ବା investor-relation@imfa.inରେ ଏକ ଅନୁରୋଧ ପଠାଇ ଲଗ୍‌ଇନ୍ ଆଇଡି ଓ ପାସ୍‌ୱାର୍ଡ ପାଇପାରିବେ। ଯଦି କେହି ପୂର୍ବରୁ ଇ-ଭୋଟିଂ ପାଇଁ ଏନ୍‌ଏସ୍‌ଡିଏଲ୍ ସହିତ ପଞ୍ଜିକୃତ, ତେବେ ମତଦାନ ପାଇଁ ସେହି ପୁରୁଣା ୟୁଜର୍ ଆଇଡି ଓ ପାସ୍‌ୱାର୍ଡ ବ୍ୟବହୃତ ହୋଇପାରିବ;

(୪) ସଦସ୍ୟମାନେ ଜାଣିରଖନ୍ତୁ (କ) ବାଲାଟ୍ ପେପର୍ ମାଧ୍ୟମରେ ମତଦାନର ସୁବିଧା ବାର୍ଷିକ ସାଧାରଣ ବୈଠକରେ ଉପଲବ୍ଧ ହେବ, (ଖ) ଏହା ପୂର୍ବରୁ ରିମୋଟ୍ ଇ-ଭୋଟିଂ ମାଧ୍ୟମରେ ନିଜର ମତଦାନ କରିଥିବା ସଦସ୍ୟମାନେ ବାର୍ଷିକ ସାଧାରଣ ବୈଠକରେ ଯୋଗଦାନ କରିପାରିବେ କିନ୍ତୁ ପୁନର୍ବାର ମତଦାନ ପାଇଁ ହକଦାର ହେବେନାହିଁ ଏବଂ (ଗ) ଶେଷ ତାରିଖ ସୁଦ୍ଧା ସଦସ୍ୟ ପୁସ୍ତକ କିମ୍ବା ଡିପୋଜିଟୋରିମାନଙ୍କ ଦ୍ୱାରା ପରିଚାଳିତ ହିତାଧିକାରୀ ମାଲିକଙ୍କ ପୁସ୍ତକରେ ଯେଉଁ ବ୍ୟକ୍ତିମାନଙ୍କ ନାମ ଲିପିବଦ୍ଧ ହୋଇଥିବ, ସେହିମାନେ ହିଁ ରିମୋଟ୍ ଇ-ଭୋଟିଂ ମାଧ୍ୟମରେ ତଥା ବାର୍ଷିକ ସାଧାରଣ ବୈଠକରେ ମତଦାନ ସାବ୍ୟସ୍ତ କରିବାର ସୁବିଧା ପାଇବା ପାଇଁ ହକଦାର ହେବେ;

(୫) ୫୬ତମ ବାର୍ଷିକ ସାଧାରଣ ବୈଠକର ନୋଟିସ୍ କମ୍ପାନୀ ୱେବ୍‌ସାଇଟ୍ www.imfa.in ଓ www.evoting.nsdl.comରେ ଉପଲବ୍ଧ;

(୬) ଇଲେକ୍ଟ୍ରୋନିକ ମତଦାନ ସମ୍ପର୍କରେ କୌଣସି ପ୍ରଶ୍ନ/ଅଭିଯୋଗ ଥିଲେ ଅଂଶଧାରୀମାନେ ଫ୍ରିକ୍ୱେଣ୍ଟଲି ଆସ୍କଡ କ୍ୱେଶ୍ଚିନ୍ସ (FAQs) ଏବଂ www.evoting.nsdl.comର ଡାଉନ୍‌ଲୋଡ୍ ସେକ୍ସନ୍‌ରେ 'ଅଂଶଧାରୀମାନଙ୍କ ପାଇଁ ଉପଲବ୍ଧ ଇ-ଭୋଟିଂ ୟୁଜର୍ ମାନୁଏଲ'କୁ ଅନୁଧ୍ୟାନ କରିପାରନ୍ତି କିମ୍ବା ଟୋଲ୍ ଫ୍ରୀ ନମ୍ବର 1800 22 2990 ରେ କଲ କରିପାରନ୍ତି କିମ୍ବା ଶ୍ରୀ ମନ୍ଦର ଗାଏକ୍ୱାଡ୍, ସହକାରୀ ପରିଚାଳକ, ନେସ୍‌ନାଲ୍ ସିକ୍ୟୁରିଟିଜ୍ ଡିପୋଜିଟୋରି ଲିମିଟେଡ୍, ଟ୍ରେଡ୍ ୱାର୍ଲ୍ଡ, 'ଏ' ୱିଙ୍ଗ୍, ୪ର୍ଥ ମହଲା, କମଳା ମିଲ୍ସ କମ୍ପାଉଣ୍ଡ, ସେନାପତି ବପତ ମାର୍ଗ, ଲୋୟର ପାରେଲ, ମୁମ୍ବାଇ-୪୦୦ ୦୧୩ଙ୍କୁ ନିର୍ଦ୍ଧାରିତ ଇମେଲ୍ ଆଇଡି evoting@nsdl.co.in କିମ୍ବା mandarg@nsdl.co.in କିମ୍ବା ଟେଲିଫୋନ୍ ନମ୍ବର 022 24994600/022 24994738 ରେ ଯୋଗାଯୋଗ କରିପାରନ୍ତି।

ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲୟଜ୍ ଲିଃ ପାଇଁ
ସ୍ୱା/-
(ପ୍ରେମ୍ ଖଣ୍ଡେଲୱାଲ୍)
ମୁଖ୍ୟ ବିତ୍ତ ଅଧିକାରୀ ଏବଂ କମ୍ପାନୀ ସଚିବ

ଭୁବନେଶ୍ୱର
୨୨ ଜୁନ୍ ୨୦୧୮